# ମନ୍ କୀ ବାତ୍

ଅଧ୍ୟାୟ 3

मन की बात 100

MANN KI BAAT 100



# MANN KI BAAT
## VOL.3


**Script Writers**
Sarda Mohan and Shashi Mukherjee

**Illustrations and Cover Art**
Dilip Kadam

**Assistant Artist**
Ravindra Mokate

**Production**
Amar Chitra Katha

**Layout Artist**
Tarangini Mukherjee



**Published by**
Amar Chitra Katha Pvt. Ltd

**Odia**

ISBN - 978-81-19242-92-4

Amar Chitra Katha Pvt. Ltd, June 2023



© Ministry of Culture, Govt of India, June 2023
All rights reserved. This book is sold subject to the condition that the publication may not be reproduced, stored in a retrieval system (including but not limited to computers, disks, external drives, electronic or digital devices, e-readers, websites), or transmitted in any form or by any means (including but not limited to cyclostyling, photocopying, docutech or other reprographic reproductions, mechanical, recording, electronic, digital versions) without the prior written permission of the publisher, nor be otherwise circulated in any form of binding or cover other than that in which it is published and without a similar condition being imposed on the subsequent purchaser.

You can now get ACK stories as part of your classroom with **ACK Learn**,
a unique learning platform that brings these stories to your school with a range of workshops.
Find out more at **www.acklearn.com** or write to us at **acklearn@ack-media.com**.

ଆମ ଦେଶରେ ପ୍ରାଚୀନ ଜ୍ଞାନ ଓ ବୁଦ୍ଧିମତାରେ ପରିପୂର୍ଣ୍ଣ, କିନ୍ତୁ ଆଧୁନିକତାର ଦୌଡ଼ରେ ଅନେକ କିଛି ବିସ୍ମୃତ ହୋଇଯାଇଛି। ଆଗକୁ ବଢ଼ିବା ଭଲ କଥା କିନ୍ତୁ ପଛକୁ ଫେରି ଚାହିଁବା ଏବଂ ଆମର ପୂର୍ବପୁରୁଷମାନେ ଆମ ପାଇଁ ଛାଡ଼ି ଯାଇଥିବା ବିଭିନ୍ନ ପରମ୍ପରାକୁ ଗ୍ରହଣ କରିବା ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ।

ଏହି ବିଚାର ମଲିଂ ଗୋମ୍ବୁଙ୍କୁ ଗଛରୁ ନୁହେଁ ବରଂ ଶୁଗୁ ଶେଙ୍ଗ୍ ନାମକ ଛୋଟ ବୃକ୍ଷର ଛାଲିରୁ କାଗଜ ତିଆରି କରିବାର 1,000 ବର୍ଷ ପୁରୁଣା କଳାକୁ ପୁନର୍ଜୀବିତ କରିବା ଲାଗି ଅନୁପ୍ରାଣିତ କରିଥିଲା।



ଆମର ମନ କୀ ବାତ୍ ସିରିଜ୍‌ର ତୃତୀୟ ଅଧ୍ୟାୟରେ, ଆପଣ ଅରୁଣାଚଳ ପ୍ରଦେଶର ଏହି ବ୍ୟକ୍ତିଙ୍କ ବିଷୟରେ ଜାଣିବାକୁ ପାଇବେ, ଯିଏକି ନିଜ ମୋନପା ଜନଜାତି ଦ୍ୱାରା ପ୍ରସ୍ତୁତ କରାଯାଉଥିବା ଏହି ପରିବେଶ ଅନୁକୂଳ କାଗଜକୁ ଏକ ନୂଆ ଜୀବନଦାନ ଦେଇଛନ୍ତି।

ଆପଣ କେବେ ଜଳ ଆମ୍ବୁଲାନ୍ସ ବିଷୟରେ ଶୁଣିଛନ୍ତି କି? ତା'ହେଲେ ତାରିକ୍ ଅହମ୍ମଦ ପତଲୁଙ୍କ କାହାଣୀ ପଢ଼ନ୍ତୁ । ସେ କାଶ୍ମୀର ଶ୍ରୀନଗରର ସ୍ଥିତ ସୁନ୍ଦର ଡାଲ୍ ହ୍ରଦରେ ଏକ ଜଳ ଆମ୍ବୁଲାନ୍ସ ସେବା ଯୋଗାଇ ଦେଉଛନ୍ତି। ଆଉ ତାହା ପୁଣି କୋଭିଡ-19 ଲକଡାଉନ୍ ସମୟରେ।

ନିଜର କ୍ଷମତା ବାହାରେ କୌଣସି କାମ କରିବାକୁ ଆଗେଇ ଆସିବା ସବୁବେଳେ ସହଜ ହୋଇନଥାଏ। ଏଥିପାଇଁ ସାହସ, ଦୃଢ଼ସଂକଳ୍ପ ଏବଂ କଷ୍ଟ ସହିବା ଲାଗି ଅଦମ୍ୟ ଇଚ୍ଛାର ଆବଶ୍ୟକତା ରହିଥାଏ। କିନ୍ତୁ ଥରେ ଆପଣ ଏମିତି କରିପାରିଲେ, ଦେଖିବେ ଯେ, କିଛି ଅଭିନବ ଚିନ୍ତା କରିବା ଏବଂ ମନ କଥା ଶୁଣି କୌଣସି କାମ କରିବା ଦ୍ୱାରା ଆପଣଙ୍କୁ ପରମ ସନ୍ତୋଷ ମିଳୁଛି ।

ମୋର ସ୍ନେହ ଓ ଆଶୀର୍ବାଦ ସବୁବେଳେ ଆପଣଙ୍କ ସହିତ ରହିଛି।

# ସୂଚୀପତ୍ର


| | | |
|---|---|---|
| 1 | ମଲିଂ ଗୋମୁ | 3 |
| 2 | ଉରଗେନ୍ ଫୁନସୋଗ | 6 |
| 3 | ଶ୍ରୀନିବାସ ପଦକାଣ୍ଡଲା | 9 |
| 4 | ଭାଗ୍ୟଶ୍ରୀ ସାହୁ | 12 |
| 5 | ରାମ ଲୋଚନ କୁଶୱାହା | 14 |
| 6 | ତାରିକ ଅହମ୍ମଦ ପତଲୁ | 17 |
| 7 | ସଞ୍ଜୟ କଚ୍ଛପ | 19 |
| 8 | ହରିଶ୍ଚନ୍ଦ୍ର ସିଂହ | 22 |
| 9 | ସଚ୍ଚିଦାନନ୍ଦ ଭାରତୀ | 24 |
| 10 | ସିକାରୀ ଟିସୋ | 27 |
| 11 | ପି.ଏମ. ମୁରୁଗେସନ | 30 |

# ମଲିଂ ଗୋମ୍ବୁ




*ସାଧାରଣତଃ ପାପିୟର ମାସେ ନାମରେ ପରିଚିତ - କାଗଜ ମଣ୍ଡ ଓ ଅଠାର ମିଶ୍ରଣ


... କିନ୍ତୁ ମୋନ ଶୁଗୁ ତିଆରି କରିବାର କଳା ମରିନଥିଲା। କିଛି ପରିବାର ଶହ ଶହ ବର୍ଷ ଧରି ଏହାକୁ ଜାରି ରଖିଥିଲେ। ତେବେ, ନିକଟରେ-
ମୋନ ଶୁଗୁ ଆମ ଐତିହ୍ୟର ଏକ ଅଂଶବିଶେଷ କିନ୍ତୁ ଆମେ ଯଦି ଏହାକୁ ସଂରକ୍ଷିତ ରଖିବା ଦିଗରେ କିଛି କରିବା ନାହିଁ ତା'ହେଲେ ଖୁବଶୀଘ୍ର ଏହି କୌଶଳ ଲୋପ ପାଇଯିବ।
ଏମିତି ଜଣେ ବ୍ୟକ୍ତି, ମୋନପା ଜନଜାତିର ଜଣେ ସଦସ୍ୟ ଏବଂ ପେସାରେ ଜଣେ ଓକିଲ ମଲିଂ ଗୋମ୍ବୁ ଏପରି ଉପାୟ ଶୂନ୍ୟ ହୋଇପଡ଼ିଥିଲେ।
ମୋନ ଶୁଗୁ ତିଆରି କରିବାର କଳା ବେଶ୍ ସମୟସାପେକ୍ଷ ଏବଂ ଶ୍ରମସାଧ୍ୟ ପ୍ରକ୍ରିୟା।
1. ଛୋଟ ଗଛରୁ ଏପ୍ରିଲ ଏବଂ ଡିସେମ୍ବର ମାସ ମଧ୍ୟରେ ଛାଲ ବାହାର କରାଯାଇଥାଏ, ଏହି ସମୟରେ ଉଦ୍ଭିଦରେ ନୂଆ ପତ୍ର କିମ୍ବା ଫୁଲ ଧରିନଥାଏ।
2. ଭିତରର ନରମ ଭାଗକୁ ବାହାର କରି ଦିଆଯାଇଥାଏ ଏବଂ ଛାଲକୁ ଭଲ ଭାବେ ଧୋଇ ଶୁଖାଇ ଦିଆଯାଏ।
3. ଛୋଟ ଛୋଟ ଖଣ୍ଡରେ ଏହାକୁ କାଟିବା ଏବଂ ସିଝାଇବା ପୂର୍ବରୁ ପାଉଁଶ ପାଣି*ରେ ଭିଜାଇ ଦିଆଯାଏ।
4. ଅବଶେଷକୁ ମଣ୍ଡ ଭଳି ତିଆରି କରି କାଗଜ ରୂପରେ ବିଛାଇ ଦିଆଯାଏ।
ଯଦି ପାଗ ଭଲ ଅଛି ତା'ହେଲେ ଗୋଟିଏ ଦିନରେ ପ୍ରାୟ 100 ଫର୍ଦ୍ଦ କାଗଜ ପ୍ରସ୍ତୁତ କରାଯାଇପାରିବ।

*କାଠ ପାଉଁଶ ମିଶା ପାଣି


ମୁଁ ଏକ ମଞ୍ଚ ତିଆରି କରୁଛି ଯେଉଁଥିରେ ଯୁବବର୍ଗ ଯୋଗ ଦିଅନ୍ତୁ ବୋଲି ମୁଁ ଚାହୁଁଛି ।
ଏହା କ'ଣ ପାଇଁ ହେବ?
ଆମେ ଆମ ଜନଜାତି ଏବଂ ଆମର ପରମ୍ପରା ପାଇଁ କିଛି ଭଲ କାମ କରିବା।
ମଲିଂ 'ୟୁଥ୍ ଆକ୍ସନ ଫର୍ ଟ୍ରାଇବାଲ୍ ୱେଲଫେୟାର' ନାମକ ସଂଗଠନ ତିଆରି କଲେ ଯେଉଁଥିରେ ସମଭାବାପନ୍ନ ଲୋକମାନେ ଯୋଡ଼ି ହେଲେ।
ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ମନ କୀ ବାତ୍ କାର୍ଯ୍ୟକ୍ରମରେ ମଲିଂଙ୍କ କାମକୁ ପ୍ରଶଂସା କରିଥିଲେ।
ମୋନପାସ୍ ଲୋକମାନେ ଶୁଗୁ ଶେଙ୍ଗ୍ ନାମକ ଏକ ଉଦ୍ଭିଦର ଛାଲରୁ ଏହି କାଗଜ ତିଆରି କରିଥାନ୍ତି, ତେଣୁ ଏହି କାଗଜ ତିଆରି କରିବା ପାଇଁ କୌଣସି ଗଛ କାଟିବାକୁ ପଡ଼େ ନାହିଁ। ତା'ଛଡ଼ା ଏହାକୁ ତିଆରି କରିବା ଲାଗି କୌଣସି ରାସାୟନିକ ବ୍ୟବହାର କରାଯାଏ ନାହିଁ। ଏବେ, ଜଣେ ସ୍ଥାନୀୟ ସମାଜସେବୀ ଗୋମ୍ବୁ ଏହି କଳାକୁ ପୁନରୁଦ୍ଧାର କରିବା ଏବଂ ନିଜ ଜନଜାତିର ଲୋକମାନଙ୍କୁ ନିଯୁକ୍ତି ଦେବା ପାଇଁ ଏକ ପ୍ରୟାସ କରିଛନ୍ତି।
ଖଦୀ ଓ ଗ୍ରାମୋଦ୍ୟୋଗ ଆୟୋଗର ଅଧ୍ୟକ୍ଷ ବିନୟ କୁମାର ସକ୍ସେନା ମୋନ୍ ଶୁଗୁ ସମ୍ପର୍କରେ ଜାଣି ବିଶେଷ ଆଗ୍ରହ ପ୍ରକାଶ କରିଥିଲେ।
ଅଧିକ ପରିମାଣରେ କାଗଜ ପ୍ରସ୍ତୁତ କରିବା ଲାଗି ଆମେ ଏକ ୟୁନିଟ୍ ପ୍ରତିଷ୍ଠା କରିବା ଉଚିତ୍।
ଅନେକ ଦିନ ପୂର୍ବରୁ ଏଥିପାଇଁ ଚେଷ୍ଟା କରାଯାଇଥିଲା କିନ୍ତୁ ପାର୍ବତ୍ୟାଞ୍ଚଳ ଏବଂ ଖରାପ ମୌଳିକ ଭିତ୍ତିଭୂମି କାରଣରୁ ଏହା ସହଜ ନୁହେଁ
ନାନା ସମସ୍ୟା ରହିଥିବା ସତ୍ତ୍ୱେ, ତୱାଙ୍ଗରେ ଏକ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରିବା ଲାଗି ସକ୍ସେନା ସହାୟତା ଯୋଗାଇ ଦେଇଥିଲେ।
ଆପଣମାନେ ଖୁସି ତ?
ବହୁତ ଖୁସି, ବିନୟ! ଆମେ ଦିନକୁ 500 ଶିଟ୍ କାଗଜ ବିକ୍ରି କରୁଛୁ! ଏହି କାଗଜ ଉପରେ ଲେଖାକୁ 5,000 ବର୍ଷ ପର୍ଯ୍ୟନ୍ତ ସୁରକ୍ଷିତ ରଖାଯାଇ ପାରିବ ବୋଲି ଆପଣ ଜାଣିଥିଲେ କି?
ମୋନ ଶୁଗୁର କାହାଣୀରୁ ଜଣାପଡ଼ିଥାଏ ଯେ ସାମାନ୍ୟ ପ୍ରୟାସ କରିଆରେ ଭାରତର ସ୍ୱଦେଶୀ କଳା ଓ ଶିଳ୍ପକୁ ସଂରକ୍ଷିତ ରଖାଯାଇପାରିବ।

# ଉର୍ଗେନ୍ ଫୁନସୋଗ୍




*ଲଦାଖର ଭୋଟି ଭାଷାରେ ମା'
^ଭାରତ-ତିବ୍ବତ ସୀମା ପୁଲିସ
**ଭୋଟିରେ ବଡ଼ ଭଉଣୀ




*କାଚ କିମ୍ବା ପ୍ଲାଷ୍ଟିକରେ ତିଆରି ହୋଇଥିବା ଏକ ଗୃହ ଯାହା ଜଳବାୟୁ-ନିୟନ୍ତ୍ରିତ ସ୍ଥିତି ସୃଷ୍ଟି କରିଥାଏ

^ଏକ ଜୈବିକ ସାର

**ମାଟିକୁ ଉତ୍ତାପ, ଶୀତଳତା ଓ ଶୁଷ୍କପଣରୁ ରକ୍ଷା କରିବା ଲାଗି ଏହାକୁ ନଡ଼ା ଓ ଅନ୍ୟାନ୍ୟ ଉଦ୍ଭିଦ ଉପକରଣ ସହାୟତାରେ ଘୋଡ଼ାଇ ଦେବା


ଉରଗେନ୍ ସଫଳତାର କାହାଣୀ ଚାରିଆଡ଼େ ବ୍ୟାପିଗଲା।
ତୁମେ 14,000 ଫୁଟ୍ ଉଚ୍ଚତାରେ ତରଭୁଜ ଚାଷ କରୁଛ! ଏହା ଅବିଶ୍ୱସନୀୟ!
ହା ହା! ଏଇତ' ଆପଣଙ୍କ ଠିକ୍ ଆଗରେ।
ଇଣ୍ଟରନେସନାଲ ଜର୍ଣ୍ଣାଲ ଅଫ୍ କରେଣ୍ଟ ମାଇକ୍ରୋ ବାୟୋଲୋଜି ଏଣ୍ଡ ଏପ୍ଲାଏଡ୍ ସାଇନ୍ସ ପକ୍ଷରୁ 2019ରେ ତାଙ୍କ ଉପରେ ଏକ ସ୍ତମ୍ଭ ପ୍ରକାଶ ପାଇଥିଲା।
ସରକାର ତାଙ୍କର କଠିନ ପରିଶ୍ରମକୁ ସମ୍ମାନ ଜଣାଇ ତାଙ୍କୁ ରାଜ୍ୟ ପୁରସ୍କାରରେ ପୁରସ୍କୃତ କରିଥିଲେ।
ATE AWARDS
ବିବିସି ଏବଂ ନେସନାଲ ଜିଓଗ୍ରାଫିକ୍ ଭଳି ଅନ୍ତର୍ଜାତୀୟ ସଂସ୍ଥା ତାଙ୍କ କାମକୁ ପ୍ରଶଂସା କରିଥିଲେ।
2016ରେ ତାଙ୍କ ଭାଇ ଷ୍ଟାଞ୍ଜିନ୍‌ଙ୍କ ପ୍ରାମାଣିକ ଚଳଚ୍ଚିତ୍ର 'ଦ ଶେଫର୍ଡସ୍ ଅଫ୍ ଦ ଗ୍ଲେସିୟର୍ସ'ରେ ତାଙ୍କୁ ଦେଖିବାକୁ ମିଳିଥିଲା।
DHAR
INTE
FILM
ଏହି ଚଳଚ୍ଚିତ୍ରକୁ 17ଟି ଜାତୀୟ ଓ ଅନ୍ତର୍ଜାତୀୟ ପୁରସ୍କାର ମିଳିଥିଲା।
ନିଜ ପରିବାର ସହାୟତାରେ, ଉରଗେନ୍ ବିଭିନ୍ନ ପ୍ରକାରର ଫସଲ ଅମଳ କରିଥାନ୍ତି, ପ୍ରାଣୀଧନ ପରିଚାଳନା କରନ୍ତି ଏବଂ ଗୋଟିଏ ହୋମଷ୍ଟେ ମଧ୍ୟ ଚଳାଇଥାନ୍ତି।
ମୋ ପରିବାର - ମୋ ଭଉଣୀ, ସେରିଂ, ମୋ ମୋ ଭାଇ, ଷ୍ଟାନଜିନ୍ ଏବଂ ମୋ ପତ୍ନୀ ଚାମ୍ପାଙ୍କ ବିନା ମୋର ଅସ୍ତିତ୍ୱ ନାହିଁ ତୁମ ସମସ୍ତଙ୍କୁ ମୁଁ ଭଲ ପାଏ।
ନିରନ୍ତର ଅଭିନବ କାର୍ଯ୍ୟ କରୁଥିବା ଏବଂ ବଡ଼ ସ୍ୱପ୍ନ ଦେଖୁଥିବା ଲୋକଙ୍କ ପାଇଁ କିଛି ବି ଅସମ୍ଭବ ନୁହେଁ ବୋଲି ଉରଗେନ୍ ପ୍ରମାଣିତ କରିଛନ୍ତି।

# ଶ୍ରୀନିବାସ ପଦକାଣ୍ଡଲା




ମୁଁ ଅଦରକାରୀ ଧାତୁ କିଣିବାକୁ ଚାହୁଁଛି। ମୁଁ ଏହାକୁ କିଛି ଭଲ କାମରେ ଲଗାଇବି।
ଖୁବଶୀଘ୍ର
ଏହା କେମିତି ଦେଖାଯାଉଛି?
ଏହା ଚମତ୍କାର!
ଅଦରକାରୀ ଧାତୁ, କାଠ ଓ ପଥର ବ୍ୟବହାର କରି ଶ୍ରୀନିବାସ ମୂର୍ତ୍ତି ତିଆରି କାମ ଜାରି ରଖିଲେ।
ଶ୍ରୀନିବାସ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ଲଳିତ କଳାରେ ସ୍ନାତକୋତ୍ତର ଶିକ୍ଷା ଲାଭ କଲେ। ଖୁବଶୀଘ୍ର-
ଆରେ, ଆନ୍ଧ୍ର ବିଶ୍ୱବିଦ୍ୟାଳୟ ଦ୍ୱାରା ଏକ ସୃଜନଶୀଳ ମୂର୍ତ୍ତିକଳା ଶିବିର ଆୟୋଜନ କରାଯାଉଛି, ତୁମେ କ'ଣ...
ନିଶ୍ଚିତ, ନିଜର କୌଶଳ ପ୍ରଦର୍ଶନ କରିବା ଲାଗି ଏହା ମୋ ପାଇଁ ଏକ ଶ୍ରେଷ୍ଠ ସୁଯୋଗ।
ଶ୍ରୀନିବାସ ସାରା ଦେଶରେ ଆୟୋଜିତ ମୂର୍ତ୍ତିକଳା ଶିବିର ଓ ପ୍ରଦର୍ଶନୀରେ ଅଂଶଗ୍ରହଣ କରିବା ଆରମ୍ଭ କଲେ।
କିଛି ବର୍ଷ ପରେ -
ଭିଏମସି* ପକ୍ଷରୁ ଏକ ମୂର୍ତ୍ତିକଳା ଶିବିର ଆୟୋଜନ କରାଯାଇଛି। ମୁଁ ସେଠାରେ ଯୁବ ଶିଳ୍ପକାରମାନଙ୍କୁ ଅଦରକାରୀ ଧାତୁରୁ ମୂର୍ତ୍ତି ତିଆରି କରିବାର ପ୍ରଶିକ୍ଷଣ ଦେବି।
ତାହା ଖୁବ୍ ଭଲ କଥା। ମୁଁ ମଧ୍ୟ ଯିବି!
ଖୁବଶୀଘ୍ର-
ଶିବିରରେ ମୁଁ ତୁମର ଚମତ୍କାର ପ୍ରତିମୂର୍ତ୍ତିଗୁଡ଼ିକୁ ଦେଖିଲି। ସହର ସାରା ଏପରି ମୂର୍ତ୍ତି ରଖି ତୁମେ ବିଜୟୱାଡ଼ାର ସୌନ୍ଦର୍ଯ୍ୟକରଣ କର ବୋଲି ମୁଁ ଚାହୁଁଛି ।
ନିଶ୍ଚିତ ସାର୍, ଏହା ମୋ ପାଇଁ ସମ୍ମାନର ବିଷୟ।
ଶ୍ରୀନିବାସଙ୍କୁ ଏହି ପ୍ରସ୍ତାବ ଦେଇଥିବା ବ୍ୟକ୍ତି ଜଣଙ୍କ ହେଲେ ବିଜୟୱାଡ଼ା ମହାନଗର ନିଗମର କମିଶନର୍ ଜି. ବୀରାପାଣ୍ଡିୟାନ




*ଆନ୍ଧ୍ରପ୍ରଦେଶରେ ଆଉ ଏକ ସହର

# ଭାଗ୍ୟଶ୍ରୀ ସାହୁ




*ପ୍ରାକୃତିକ ରଙ୍ଗ ଉପଯୋଗ କରାଯାଇ କପଡ଼ା ଉପରେ ତିଆରି ହେଉଥିବା ସ୍କ୍ରଲ୍ ପେଣ୍ଟିଂ

^ବୈଷୟିକ ଶିକ୍ଷାରେ ସ୍ନାତକୋତ୍ତର ଡିଗ୍ରୀ

** ଓଡ଼ିଶାର ପୁରୀ ଜିଲ୍ଲାରେ ଥିବା ପଟ୍ଟଚିତ୍ର କଳାକାରଙ୍କ ଏକ ଗ୍ରାମ


କିଛି ମାସ ପରେ -
ପ୍ରକୃତରେ ସେଗୁଡ଼ିକୁ ବିକ୍ରି କରିବା ବିଷୟରେ ତୁମେ ଚିନ୍ତା କରିବା ଉଚିତ୍! ସେଗୁଡ଼ିକ ଅତି ସୁନ୍ଦର।
ତୁମେ ମୋ ପାଇଁ କାନଭାସରେ ଗୋଟିଏ ତିଆରି କରିଦେବ କି? ମୁଁ ଏହାକୁ ଘରକୁ ନେଇ ଯିବି।
ନିଶ୍ଚିତ, ମୁଁ ତୁମ ପାଇଁ ଗୋଟିଏ ତିଆରି କରିଦେବି, କିନ୍ତୁ କାନଭାସରେ?
ଭାଗ୍ୟଶ୍ରୀ ନିଜ ସାଙ୍ଗମାନଙ୍କୁ ନେଇ ଢେଙ୍କାନାଳରେ ଥିବା ବ୍ରାହ୍ମଣୀ ନଦୀ ପାଖକୁ ନେଇଗଲେ।
ମୁଁ ଏହି ପଥର ଉପରେ ଚିତ୍ର କରିପାରେ। ସେଗୁଡ଼ିକ ଗୋଲାକାର, କୋମଳ ଏବଂ ସମ୍ପୂର୍ଣ୍ଣ ଠିକ୍ ଆକାରରେ ଅଛନ୍ତି।
ଭଲ ଉପାୟ! ଏହା କାନଭାସ୍ ଠାରୁ ଆହୁରି ଭଲ ହୋଇପାରିବ।
ଭାଗ୍ୟଶ୍ରୀ ପଥର ଉପରେ ଚିତ୍ର କଲେ ଯାହା ଖୁବ୍ ଲୋକପ୍ରିୟ ହୋଇଗଲା।
ବାଃ, ଏଗୁଡ଼ିକ ଖୁବ୍ ଚମତ୍କାର! ତୁମେ ଏହି ଚିତ୍ର କରିଛ ବୋଲି ମୁଁ ବିଶ୍ୱାସ କରିପାରୁନାହିଁ।
ଆପଣଙ୍କୁ ଧନ୍ୟବାଦ! ଏସବୁ ପଥରକୁ ନୂଆ ଜୀବନ ଦେଇ ମୋତେ ଖୁସି ଲାଗୁଛି।
ମହାମାରୀ ସମୟରେ, ଭାଗ୍ୟଶ୍ରୀ ଖାଲି ବୋତଲ, ଡବା ଓ ବଲ୍ବ ସଂଗ୍ରହ କରିଥିଲେ। କିଛି ଦିନ ପରେ-
ମା', ତୁମେ ଏହି ବୋତଲ ଓ ବଲ୍ବଗୁଡ଼ିକୁ ଜାଣି ପାରୁଛ?
ଭଲ କରୁଛ ! ତୁମେ କେବଳ ଜଣେ କଳାକାର ନୁହଁ, ତୁମେ ମଧ୍ୟ ପରିବେଶକୁ ସହାୟତା କରୁଛ ।
ଭାଗ୍ୟଶ୍ରୀଙ୍କ ଭଳି, ଆମେ ମଧ୍ୟ କଳା ଜରିଆରେ ଆମ ଜୀବନ ଓ ଆମ ଚାରି ପାଖର ଦୁନିଆରେ ରଙ୍ଗ ଭରି ପାରିବା।

# ରାମ ଲୋଟନ କୁଶୱାହା










*ବାପା


ଏହାକୁ ସୁଇ-ଧାଗା କୁହାଯାଏ।
ଆଉ ଏହା କଟି ଯାଇଥିବା ସ୍ଥାନକୁ ସିଲେଇ କରି ଠିକ୍ କରିଦିଏ।
ସୁଇ ଧାଗାର ଅର୍ଥ ହେଉଛି ଛୁଞ୍ଚି ଏବଂ ସୂତା। ରାମ ଲୋଚନଙ୍କ ପୁଅର କଥା ଠିକ୍ ଥିଲା - ପ୍ରାଚୀନ କାଳରୁ ଖଣ୍ଡାରେ ସୃଷ୍ଟି ହୋଇଥିବା ଗଭୀର ଘା'କୁ ଭରିବା ଓ ଭଲ କରିବା ପାଇଁ ଏହାର ବ୍ୟବହାର କରାଯାଇ ଆସୁଛି।
ଆପଣ ଜଡ଼ି-ବୁଟି ବିଷୟରେ ଏତେ କଥା କିପରି ଜାଣିଲେ?
ମୁଁ ସବୁକିଛି ତୁମର ଜେଜେବାପା ଓ ଅଣ ଜେଜେବାପାଙ୍କ ଠାରୁ ଶିଖିଛି।
ଆପଣ ଜାଣିଥିବା ସବୁକିଛି ମୋତେ ଶିଖାଇବା ଉଚିତ୍।
ମୁଁ ତୁମକୁ ଏବଂ ତୁମ ସାନ ଭାଇକୁ ଶିଖାଇବି।
2016ରେ, ରାମ ଲୋଚନ ରାଜ୍ୟ ଜୈବ ବିବିଧତା ବୋର୍ଡ ସହିତ 40 ଜିଲ୍ଲାକୁ ଗସ୍ତ କରିଥିବା 5 ଜଣିଆ ଦଳର ଅଂଶବିଶେଷ ଥିଲେ।
ଏପରି ଅନେକ ସ୍ଥାନୀୟ ବୀଜ ରହିଛି ଯାହାର ସଂରକ୍ଷଣ କରାଯିବା ଉଚିତ୍।
ଯେତେବେଳେ ରାମ ଲୋଚନ୍ ଘରକୁ ଫେରିଲେ-
ଜଗ୍ନୀ, ମୁଁ ଏହି ମଞ୍ଜି ଓ ଫଳକୁ ସଂରକ୍ଷିତ ରଖିବା ଲାଗି ସଠିକ ପଦ୍ଧତି ଜାଣିପାରିଛି।
ତା'ହେଲେ ଏହା ଦ୍ୱାରା ଆମ ଘରକୁ କିଛି ଅତିରିକ୍ତ ଟଙ୍କା ଆସିବ ବୋଲି ମୁଁ ଆଶା କରୁଛି।
ବଡ଼ ପରିବାର କଥା ବୁଝିବାକୁ ପଡୁଥିବାରୁ ଘର ଚଳାଇବା ଜଗ୍ନୀଙ୍କ ପାଇଁ ସହଜ ନଥିଲା।


ଜଡ଼ି-ବୁଟି ଓ ପନିପରିବାକୁ ସଂରକ୍ଷିତ ରଖିବା ଲାଗି ନିଜର ଅନ୍ୱେଷଣରେ, ରାମ ଲୋଚନ ମଞ୍ଜି ସଂଗ୍ରହ କରିବା ଲାଗି ଦୂର ଦୂରାନ୍ତକୁ ଯାତ୍ରା କଲେ। ହିମାଳୟ ଠାରୁ ଆରମ୍ଭ କରି...
ଭାଇ, ମୁଁ କେଉଁଠୁ ବ୍ରାହ୍ମୀ ମୂଳ ପାଇବି?
... ସାତପୁରା ଏବଂ ବିନ୍ଧ୍ୟ ପାର୍ବତ୍ୟାଞ୍ଚଳ ପର୍ଯ୍ୟନ୍ତ।
ରାମ ଲୋଚନ ନିଜର ଦେଢ଼ ଏକର ଜମିରେ 250 କିସମର ଔଷଧୀୟ ଉଦ୍ଭିଦ ଏବଂ ଦେଶୀ ପନିପରିବା ଚାଷ କରିଛନ୍ତି।
ଲୋକମାନେ କହୁଥିଲେ ଯେ ହିମାଳୟର ଉଦ୍ଭିଦଗୁଡ଼ିକ ଏଠାରେ ବଢ଼ିବ। କିନ୍ତୁ ଦେଖ, ସେଗୁଡ଼ିକ ସୁନ୍ଦର ଭାବେ ବଢୁଛନ୍ତି।
ତୁମ ହାତରେ ଯାଦୁ ରହିଛି, ରାମ ଲୋଚନ ଜୀ!
ନିଜ ଘରେ, ରାମ ଲୋଚନଙ୍କର ଏକ 'ଦେଶୀ' ସଂଗ୍ରହାଳୟ ରହିଛି ଯେଉଁଥିରେ ବିଭିନ୍ନ କିସମର ଲାଉ ଓ ବିରଳ ମଞ୍ଜି ପ୍ରଦର୍ଶିତ ହୋଇଛି।
ରାମ ଲୋଚନ ଜୀଙ୍କ ପ୍ରୟାସ ଆମକୁ ନିଜ ସ୍ୱଦେଶୀ ଉଦ୍ଭିଦକୁ ନେଇ ଗର୍ବିତ ଏବଂ ସଚେତନ କରିଥାଏ।
ରାମ ଲୋଚନଙ୍କ ଯାତ୍ରାରେ ଜଗ୍ଗୀ ତାଙ୍କୁ ସତର୍କ କରାଇ ଦେଇଥାନ୍ତି ଏବଂ  ଅନିଚ୍ଛାରେ ରାଜି ହୋଇଥାନ୍ତି।
ସେ ଦିନକୁ ଦିନ ବୁଢ଼ା ହେଉଛନ୍ତି ଏବଂ ନିଜେ କାମ କରିବା ପାଇଁ ସହାୟତା ଲୋଡ଼ିଥାନ୍ତି।
ଯଦି ମୋତେ ଜମିରେ ବାଡ଼ ବୁଜିବା ଏବଂ ବର୍ଷ ସାରା ପାଣି ଯୋଗାଣ ପାଇଁ କୂଅ ଖୋଳିବାକୁ ଅନୁମତି ମିଳିପାରିବ ତା'ହେଲେ ମୁଁ ନିଜର ଅମୂଲ୍ୟ ବୀଜକୁ ସଂରକ୍ଷିତ ରଖିବା ଲାଗି ଆହୁରି ଅନେକ କିଛି କରିପାରିବି ।

# ତାରିକ ଅହମ୍ମଦ ପତଲୁ




ସେ ଦିଲ୍ଲୀର ଏକ ସ୍ୱେଚ୍ଛାସେବୀ ସଂଗଠନ ସତ୍ୟ ରେଖା ଟ୍ରଷ୍ଟ ସହ କଥା ହେଲେ।
ମୁଁ ଡାଲ ହ୍ରଦରେ ଏକ ଆମ୍ବୁଲାନ୍ସ ସେବା ଆରମ୍ଭ କରିବାକୁ ଚାହୁଁଛି ଯାହାଫଳରେ ମୋ ଭଳି ଅନ୍ୟ କାହାକୁ କଷ୍ଟ ଭୋଗିବାକୁ ପଡ଼ିବ ନାହିଁ।
ତାହା ଏକ ଶ୍ରେଷ୍ଠ ବିଚାର! ଆମେ ଆପଣଙ୍କୁ ସାହାଯ୍ୟ କରିବୁ।
ଟ୍ରଷ୍ଟ ସହାୟତାରେ, ତାରିକ ଏକ ନୌକା ତିଆରି କଲେ, ସେଥିରେ ଜରୁରିକାଳୀନ ସୁବିଧା ଏବଂ ସାଇରନ୍ ଲଗାଇଲେ ।
ମୋ ଜଳ ଆମ୍ବୁଲାନ୍ସ! ଏଥିରେ ଏକ ଶଯ୍ୟା, ଅକ୍ସିଜେନ୍ କନ୍ସେଣ୍ଟ୍ରେଟର, ସିଲିଣ୍ଡର, ମାସ୍କ, ସାନିଟାଇଜର, ପିପିଇ କିଟ୍, ଷ୍ଟ୍ରେଚର, ହୁଇଲଚେୟାର ଲାଉଡସ୍ପିକର ଏବଂ ଏକ ଜରୁରିକାଳୀନ କିଟ୍ ରହିଥିଲା।
ବୁଡ଼ି ଯାଉଥିବା ହାଉସ୍ ବୋଟ ସହାୟତା କରିବା ଲାଗି ସେ ଏକ ଅଗ୍ନିଶମ ଡିଭାଇସ ଓ ସରଞ୍ଜାମ ସଂଯୋଗ କଲେ।
ତାରିକ୍ ହ୍ରଦରେ ଥିବା ଲୋକମାନଙ୍କୁ ନିଜର ଫୋନ୍ ନମ୍ବର ଦେଲେ ଏବଂ ଖୁବଶୀଘ୍ର ଗୋଟିଏ ପରେ ଗୋଟିଏ ସଂକଟ ସମୟରେ ସହାୟତା କରିବା ଆରମ୍ଭ କଲେ।
AMBULAN
ଚିନ୍ତା କରନ୍ତୁ ନାହିଁ! ଆପଣ ଭଲ ହୋଇଯିବେ। ଆମେ ଆପଣଙ୍କୁ ଡାକ୍ତରଖାନା ନେଇ ଯାଉଛୁ।
ସେ ମଧ୍ୟ ଡାକ୍ତରଖାନାର ଆମ୍ବୁଲାନ୍ସ ସହ ଯୋଗାଯୋଗ ସ୍ଥାପନ କଲେ ଯାହାଫଳରେ ସେମାନେ କୂଳରେ ଛିଡ଼ା ହୋଇ ତାଙ୍କୁ ଅପେକ୍ଷା କରିପାରିବେ। ତାଙ୍କର ସବୁ ସେବା ମାଗଣା ଥିଲା ଏବଂ ଏବେ ବି ମାଗଣା ରହିଛି।
ହ୍ରଦରେ କୌଣସି ଜରୁରି ପରିସ୍ଥିତି ଆସିଲେ ତାରିକଙ୍କୁ ଡକାଯାଏ। ତାଙ୍କର 10 ବର୍ଷୀୟା ଝିଅ ଜନ୍ନତ ତାଙ୍କୁ କାମରେ ସାହାଯ୍ୟ କରିଥାନ୍ତି।
ଧ୍ୟାନ ଦିଅନ୍ତୁ। ଲାଲ ନୌକା! ଡାଲ୍ ହ୍ରଦ ଆମ ଘର। ଆପଣ ଫିଙ୍ଗିଥିବା ବୋତଲକୁ ଦୟାକରି ଉଠାଇ ନିଅନ୍ତୁ।
ସପ୍ତାହକୁ ଦୁଇ ଥର ବାପ-ଝିଅ ହ୍ରଦରେ ନୌକା ଧରି ବୁଲନ୍ତି ଏବଂ ସବୁ ବର୍ଜ୍ୟବସ୍ତୁ ସଂଗ୍ରହ କରିଥାନ୍ତି।
ଜୁନ୍ 2021ରେ, ପ୍ରଧାନମନ୍ତ୍ରୀ ମୋଦୀ ମନ କୀ ବାତ୍ କାର୍ଯ୍ୟକ୍ରମରେ ତାଙ୍କ ବିଷୟରେ ଉଲ୍ଲେଖ କରିଥିଲେ। ତାରିକଙ୍କର ଏକ ଅନୁରୋଧ ରହିଛି।
ମୋର ଗୋଟିଏ ହେଲ୍ପଲାଇନ ନମ୍ବର ଏବଂ ମୋ ଆମ୍ବୁଲାନ୍ସରେ ରୋଗୀଙ୍କୁ ଚିକିତ୍ସା କରିବା ଲାଗି ଜଣେ ଡାକ୍ତର ଆବଶ୍ୟକ।
ଏପରି ନାଗରିକ ପ୍ରୟାସକୁ ସରକାର ଏବଂ ଲୋକମାନେ ସମାନ ଭାବେ ସମର୍ଥନ ଦେବା ଉଚିତ୍।

# ସଞ୍ଜୟ କଚ୍ଛପ



ସ୍କୁଲ୍ ଲାଇବ୍ରେରୀକୁ କିଛି ନୂଆ କାହାଣୀ ପୁସ୍ତକ ଆସିଛି ବୋଲି ମୁଁ ଶୁଣିବାକୁ ପାଇଲି।
ତାହା ଖୁବ୍ ଭଲ କଥା! ଗାଁରେ ରହୁଥିବା ମୋ ସମ୍ପର୍କୀୟା ଭଉଣୀ ପିଙ୍କିଙ୍କ ସ୍କୁଲରେ ଗୋଟିଏ ପାଠାଗାର ସୁଦ୍ଧା ନାହିଁ।
ହୁଏତ' ଗାଁମାନଙ୍କରେ କୌଣସି ଲାଇବ୍ରେରୀ ନଥିବ।
ଆଜିର ମନ କୀ ବାତ୍ କାହାଣୀରେ ଆମେ ଝାଡ଼ଖଣ୍ଡର ଲାଇବ୍ରେରୀ ମ୍ୟାନ୍ ବା ପାଠାଗାର ମଣିଷ ସଞ୍ଜୟ କଚ୍ଛପଙ୍କ ବିଷୟରେ କଥା ହେବା
ଝାଡ଼ଖଣ୍ଡର ଏକ ଉପାନ୍ତ ଗାଁରେ ଜଣେ ସରକାରୀ କର୍ମଚାରୀ ସଞ୍ଜୟ କଚ୍ଛପ ରୁହନ୍ତି ଦିନେ ସନ୍ଧ୍ୟାରେ -
ଆଉ 15 ମିନିଟ୍। ଏବେ ସୁଦ୍ଧା ମୋ ବହି ପଢ଼ିବା ସରି ନାହିଁ।
ନା। ମୁଁ ସେତେ ସମୟ ଅପେକ୍ଷା କରିପାରିବି ନାହିଁ। ତୁମେ ଏଥିପାଇଁ ଗୋଟିଏ ଘଣ୍ଟା ନେଇ ସାରିଲଣି!
ଆରେ, କ'ଣ ଖବର?
ଆମ ପାଖରେ ଇତିହାସ ପୁସ୍ତକର ମାତ୍ର ଗୋଟିଏ କପି ଅଛି। ଆମେ ଉଭୟ ଗୁପ୍ତ ରାଜବଂଶ ବିଷୟରେ ପଢୁଛୁ। ମୋର ବହି ମଧ୍ୟ ଦରକାର।
ହୁଏତ' ଏ ଛାତ୍ରଛାତ୍ରୀଙ୍କ ପାଖରେ ପାଠ ପଢ଼ିବା ଲାଗି ଯଥେଷ୍ଟ ବହି ଥାଆନ୍ତା। ମୁଁ ଜାଣେ ମୁଁ କ'ଣ କରିବି।
ପରଦିନ ସକାଳେ, ସଞ୍ଜୟ ଏକ ସ୍ଥାନୀୟ ଚା' ଦୋକାନକୁ ଗଲେ।
ମୁଁ କେଉଁଠାରେ ଗାଁର ବରିଷ୍ଠ ଲୋକମାନଙ୍କୁ ଭେଟିପାରିବି?
ଆମ ପାଖରେ ଗୋଟିଏ ଗୋଷ୍ଠୀ କେନ୍ଦ୍ର ଅଛି ଯେଉଁଠି ପ୍ରତ୍ୟେକ ଦିନ ସକାଳେ ସେମାନେ ଗାଁ ବିଷୟରେ ଆଲୋଚନା କରିବା ଲାଗି ଏକାଠି ହୋଇଥାନ୍ତି।




*ପଶ୍ଚିମ ସିଂହଭୂମ ଜିଲ୍ଲା, ଝାଡ଼ଖଣ୍ଡର ଏକ ଗାଁ।




*ଇଣ୍ଟରନେଟ୍ ସହାୟତାରେ ବହୁସଂଖ୍ୟାରେ ଲୋକଙ୍କ ଠାରୁ ଅର୍ଥ ସଂଗ୍ରହ କରିବା।

# ହରିଶ୍ଚନ୍ଦ୍ର ସିଂ।




*ଭାରତୀୟ କୋଳି

^ଚିନି ରସରେ ସଂରକ୍ଷିତ ରଖାଯାଉଥିବା କୋଳି

**ଉତ୍ତର ପ୍ରଦେଶର ଏକ ଜିଲ୍ଲା

ହରିଶ୍ଚନ୍ଦ୍ର ସିଂ।




* ଗୋଟିଏ କ୍ୱିଣ୍ଟାଲ୍ 100 କିଲୋଗ୍ରାମ ସହ ସମାନ।

# ସଚ୍ଚିଦାନନ୍ଦ ଭାରତୀ।




*ଗଛକୁ ସୁରକ୍ଷା ଦେବା ଲାଗି ଗାଁ ଲୋକମାନେ ଗଛ ଗୁଡ଼ିକୁ କୁଣ୍ଢେଇ ଧରି କରିଥିବା ଏକ ଆନ୍ଦୋଳନ

^ଉତ୍ତରାଖଣ୍ଡର ଚାମୋଲି ଜିଲ୍ଲାରେ ଥିବା ଏକ ସହର।

ସଚ୍ଚିଦାନନ୍ଦ ଭାରତୀ।




^ଉତ୍ତରାଖଣ୍ଡର ପୌରି ଗଡ଼ୱାଲ ଜିଲ୍ଲାରେ ଥିବା ଏକ ଗାଁ।
^ଉତ୍ତରାଖଣ୍ଡରେ 25 କିଲୋମିଟର ପର୍ଯ୍ୟନ୍ତ ବ୍ୟାପି ରହିଥିବା ଏକ ପର୍ବତମାଳା।

** ପାଣି ରଖିବା ଗାତ
^^ଜଳ ସଞ୍ଚୟ ଆନ୍ଦୋଳନ


ବର୍ଷ ପରେ ବର୍ଷ ବିତିବା ସହିତ ସେମାନଙ୍କ ପ୍ରୟାସକୁ ବଡ଼ ସଫଳତା ମିଳିଲା।
ସୁଖା ରୌଲା* ବର୍ଷସାରା ପ୍ରବାହିତ ହେଉଛି !
ହଁ, ପୂର୍ବରୁ ଏହା ବର୍ଷା ଋତୁରେ ଉଚ୍ଛୁଳି ପଡୁଥିଲା ଏବଂ ନଭେମ୍ବର ମାସରେ ଶୁଖି ଯାଉଥିଲା।
ପାଣି ଗର୍ତ୍ତ କାରଣରୁ ଏହା ହୋଇପାରୁଛି।
ଗ୍ରାମବାସୀମାନେ ନିଜ ଗାଁ ଗଡ଼ଖରକର ନାମାନୁସାରେ ସୁଖା ରୌଲାର ନାମକରଣ କରି ଗଡ଼ଗଙ୍ଗା ରଖିଛନ୍ତି।
ଅଧିକ ବର୍ଷା ଜଳ ସଂଗ୍ରହ କରିବା ଏବଂ ଜଙ୍ଗଲର ସଂରକ୍ଷଣ ଲାଗି ଜଳ ତଲୈୟା ସହିତ, ସଚ୍ଚିଦାନନ୍ଦ ପାହାଡ଼ରେ ଶତାଧିକ ପୁଷ୍କରିଣୀ ଏବଂ କେନାଲ ମଧ୍ୟ ନିର୍ମାଣ କରିଛନ୍ତି।
ଏବେ ବର୍ଷ ସାରା ଆମେ ଝରଣା ପାଣି ପିଇ ପାରିବୁ।
ନିଜର ପ୍ରୟାସ ପାଇଁ, ସଚ୍ଚିଦାନନ୍ଦଙ୍କୁ ଉତ୍ତରାଖଣ୍ଡ ସବୁଜ ପୁରସ୍କାର 2011, ମହାତ୍ମା ଗାନ୍ଧୀ ଜାତୀୟ ପୁରସ୍କାର 2013, ଇନ୍ଦିରା ଗାନ୍ଧୀ ପରିବେଶ ପୁରସ୍କାର 2015 ଭଳି ବହୁ ପୁରସ୍କାର ମିଳିସାରିଛି।
ଜୁନ୍ 2021ରେ ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ସଚ୍ଚିଦାନନ୍ଦ ଭାରତୀ ଓ ତାଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ।
ବର୍ତ୍ତମାନ, ପୌରି ଗଡ଼ୱାଲ ପାର୍ବତ୍ୟାଞ୍ଚଳର 150ଟି ଗାଁରେ ପ୍ରାୟ 30,000 ଜଳାଶୟ ରହିଛି।
ପରିବେଶର ସେବା କରିବା ଦ୍ୱାରା ମୋ ଜୀବନର ଉଦ୍ଦେଶ୍ୟ ପୂରଣ ହୋଇପାରିଛି ବୋଲି ମୁଁ ଭାବୁଛି।
ସଚ୍ଚିଦାନନ୍ଦ ଓ ଗାଁ ଲୋକମାନେ ମିଶି 50 ଲକ୍ଷରୁ ଅଧିକ ଚାରା ରୋପଣ କରିଛନ୍ତି। ଆହୁରି ଜଳାଶୟଗୁଡ଼ିକ ଜଙ୍ଗଲ ନିଆଁ ରୋକିବାରେ ସହାୟକ ହୋଇଛନ୍ତି।

*ଶୃଙ୍ଖଳା ଗିରିପଥ

# ସିକାରୀ ଟିସୋ




*ଓଡ଼ିଆରେ କ୍ଷମା କର
^ଆସାମର ସବୁଠୁ ବଡ଼ ଜିଲ୍ଲାଗୁଡ଼ିକ ମଧ୍ୟରୁ ଅନ୍ୟତମ
**କର୍ବି ଭାଷାରେ ଅଭିବାଦନ


ଦିନେ ସନ୍ଧ୍ୟାରେ -
ମୋ ଜେଜେ ମା' ଗାଉଥିବା କିଛି ନାନାବାୟା ଗୀତ ମୁଁ ଜାଣେ। ଆପଣ ସେଗୁଡ଼ିକୁ ମଧ୍ୟ ଲେଖିବାକୁ ଚାହୁଁଛନ୍ତି କି?
ଚମତ୍କାର! ନାନାବାୟା ଗୀତ ସମସ୍ତଙ୍କ ସଂସ୍କୃତିରେ ଏକ ମହତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଥାଏ। ଯଦି ଆପଣ ଗାଇବେ, ମୁଁ ସେଗୁଡ଼ିକୁ ରେକର୍ଡ କରିପାରିବି।
ସେହି ମହିଳା ରାଜି ହୋଇଗଲେ ଏବଂ ସିକାରୀ ନାନାବାୟାଗ ଗୀତଗୁଡ଼ିକୁ ରେକର୍ଡ କରିବା ଆରମ୍ଭ କଲେ।
ଖୁବଶୀଘ୍ର-
ତୁମେ କର୍ବି ସଂସ୍କୃତି ଉପରେ ଭିଡିଓ ତିଆରି କରୁଥିବା ମୁଁ ଶୁଣିଛି। ଏଠାରେ ମୋର ଜଣେ ବନ୍ଧୁ କର୍ବି ଲୋକଗୀତ ଓ କାହାଣୀର ବିଶେଷଜ୍ଞ ଅଟନ୍ତି। ସେ ସାହାଯ୍ୟ କରିପାରିବେ କି?
ଅବଶ୍ୟ! ଗୀତ ଓ କାହାଣୀ ପିଲାଙ୍କ ମଧ୍ୟରେ ଭାଷାକୁ ନେଇ ଏକ ଆଗ୍ରହ ସୃଷ୍ଟି କରିବ।
ସିକାରୀ କର୍ବି ଗୀତ ଓ କାହାଣୀର ଏକ ରୋଚକ ସଂଗ୍ରହ ସଂକଳିତ କଲେ ଯାହାକୁ ସେ ନିଜ ସମାଜରେ ପ୍ରସାରିତ କଲେ।
ଅଧିକ ସୂଚନା ପାଇଁ, ସିକାରୀ ଆସାମ ଓ ମେଘାଳୟ ସାରା ବୁଲିଲେ। ଫେରିବା ପରେ-
ସ୍ଥାନ ପରିବର୍ତ୍ତନ ସହ ଲୋକମାନଙ୍କର କର୍ବି କହିବାର ଶୈଳୀ ବଦଳି ଥାଏ। ସେମାନେ ଆମର କର୍ବି ଭାଷାକୁ ବୁଝିପାରିବେ ତ'?
ଆମେ ଏହାକୁ କର୍ବି ଓ ଇଂରାଜୀ ଉଭୟ ଅର୍ଥ ଥିବା ଦ୍ୱିଭାଷୀ ଶବ୍ଦକୋଷ ଭାବେ ପ୍ରସ୍ତୁତ କଲେ କେମିତି ହେବ?
ମୁଁ ଏଥିରେ କର୍ବି ଶବ୍ଦର ବିଭିନ୍ନ ରୂପ ମଧ୍ୟ ସାମିଲ କରିବି।
ସିକାରୀ ଓ ଗାଁର ବୟସ୍କ ବ୍ୟକ୍ତି ଶବ୍ଦକୋଷ ଉପରେ କାମ ଆରମ୍ଭ କଲେ। କିଛି ମାସ ପରେ -
ଶୁଭ ସନ୍ଧ୍ୟା, ମଉସା ସିକାରୀ! ତୁମେମାନେ କ'ଣ କରୁଛ?
ଶଃ... ଏହା ଗୁରୁତ୍ୱପୂର୍ଣ୍ଣ ଲାଗୁଛି। ଚାଲ ଖେଳିବାକୁ ଯିବା।
ନା, ସବୁ ଠିକ୍ ଅଛି। ପ୍ରତ୍ୟେକ ଶବ୍ଦ ଲେଖି ମୁଁ ଆମର କର୍ବି ଭାଷାକୁ ବଞ୍ଚାଇବାକୁ ଚେଷ୍ଟା କରୁଛି। ଯଦି ଆମେ ଏଥିପ୍ରତି ଧ୍ୟାନ ନଦେବା, ଏହା ହୁଏତ' ଲୋପ ପାଇଯିବ।




*କର୍ବି ଭାଷାରେ ଶିଶୁ

^ଆସାମରେ ଆଦିବାସୀ ଭାଷାଗୁଡ଼ିକର ସଂରକ୍ଷଣ ପାଇଁ କାମ କରୁଥିବା ଲୋକଙ୍କ ଏକ ସଂଗଠନ


ପି.ଏମ. ମୁରୁଗେସନ
ଏହା ଥିଲା ଆମ ସ୍କୁଲ୍ ଦ୍ୱାରା ଆମ ପାଇଁ ବ୍ୟବସ୍ଥା କରାଯାଇଥିବା ବର୍ତ୍ତମାନ ସୁଦ୍ଧା ସବୁଠୁ ଭଲ ସ୍ୱତନ୍ତ୍ର ଶ୍ରେଣୀ।
'ବର୍ଜ୍ୟରୁ ସମ୍ପଦ' କର୍ମଶାଳା; ବର୍ଜ୍ୟ ସାମଗ୍ରୀରୁ ଏତେ ଜିନିଷ ତିଆରି କରିବା ସମ୍ଭବ ବୋଲି ମୁଁ ସୁଦ୍ଧା ଜାଣିନଥିଲି।
ନାୟାର ସାର୍ ଯେତେବେଳେ ଶ୍ରେଣୀ ଭିତରକୁ ଆସିଲେ -
ସାର୍, ଏହି ନଡ଼ିଆ ଷଢ଼େଇ ଉପରେ ମୁଁ ଆଙ୍କିଥିବା ଚିତ୍ର ଦେଖନ୍ତୁ।
ଆଉ ପୁରୁଣା ଚୁଡ଼ିରେ ମୁଁ ତିଆରି କରିଥିବା ଏହି ପେନ୍ ହୋଲ୍ଡରକୁ ଦେଖନ୍ତୁ।
ସୁନ୍ଦର! ଚାଲ ମୁଁ ତୁମମାନଙ୍କୁ ମୁରୁଗେସନଙ୍କ କାହାଣୀ କହିବି। ସେ ଅଦରକାରୀ କଦଳୀ ତନ୍ତୁରୁ ଅନେକ ପ୍ରକାର ହସ୍ତନିର୍ମିତ ଉତ୍ପାଦ ତିଆରି କରିଛନ୍ତି।
ମଦୁରାଇର ମେଲାକ୍କଲ ଗ୍ରାମ ନିବାସୀ ପି.ଏମ. ମୁରୁଗେସନ ଅଷ୍ଟମ ଶ୍ରେଣୀରେ ପଢୁଥିବା ସମୟରେ ସ୍କୁଲ୍ ପାଠପଢ଼ା ଛାଡ଼ି ପରିବାରର ଚାଷ କାମରେ ଯୋଗ ଦେଇଥିଲେ।
ଉଃ! ଉଃ!
ଏ ପିଲାର ଆଦୌ ଶକ୍ତି ନାହିଁ..
ସେମାନେ ଗରିବ ଥିଲେ, ତେଣୁ ପେଟ ପୋଷିବା ପାଇଁ ପରିବାରର ସବୁ ସଦସ୍ୟଙ୍କୁ ଚାଷ ଜମିରେ କାମ କରିବାକୁ ପଡୁଥିଲା।
ମୁରୁଗେସନ ବୁଦ୍ଧିମାନ ଥିଲେ ଓ ତାଙ୍କର ସବୁ ଜିନିଷକୁ ଭଲ ଭାବେ ଦେଖିବାର ଶକ୍ତି ଥିଲା। 2009ରେ, ତାଙ୍କ ବୟସ 41 ବର୍ଷ ହୋଇଥିବା ବେଳେ -
ଆମେ କଦଳୀ ଗଛର ସବୁ ଭାଗକୁ ଉପଯୋଗ କରିଥାଉ, ଏପରିକି ଭିତର ମଞ୍ଜା ମଧ୍ୟ ଖାଇଥାଉ, କିନ୍ତୁ ଉପର ଛାଲିକୁ ଜଳାଇ ଦେଉ। ଆମେ କାହିଁକି ତା'କୁ ବ୍ୟବହାର କରିବା ନାହିଁ?
ଯଦି ଏହା ଉପଯୋଗୀ ହୋଇଥାନ୍ତା, ତା'ହେଲେ ପୂର୍ବରୁ କେହି ଏ ବିଷୟରେ ଚିନ୍ତା କରିଥାନ୍ତା।
ମୁରୁଗେସନ ସନ୍ତୁଷ୍ଟ ହେଲେ ନାହିଁ।
କଦଳୀ ଗଛ ଗଣ୍ଡିର ବହୁ ଆବରଣ ଥାଏ... ଯଦି ଆମେ ତା'କୁ ଅଲଗା କରି ଦେବା ଏବଂ ସେଗୁଡ଼ିକୁ ବାହାର କରି ଦେବା... ହୁଁ....


ଦିନେ -
ତୁମେମାନେ କ'ଣ କରୁଛ?
ଏହା ନଡ଼ିଆ କତାରୁ ରଶି ତିଆରି କରିବାରେ ସହାୟକ ହେଉଥିବା ଏକ ସ୍ପିନିଂ ମେସିନ୍। ମୁଁ କଦଳୀ ପାଟୁଆରୁ ରଶି ତିଆରି କରିବା ପାଇଁ ଚେଷ୍ଟା କରୁଛି
ସେଥିରୁ ସଫଳତା ମିଳିଲା ନାହିଁ କିନ୍ତୁ ମୁରୁଗେସନ ଏବେ କିଛି ନୂଆ କରିବାର ମାର୍ଗରେ ଅଗ୍ରସର ହେଉଥିଲେ। ବହୁ ଚେଷ୍ଟା ଏବଂ ବିଫଳତା ପରେ -
ମୁଁ ଏହା କରିଦେଲି! ଏହି ନୂଆ ମେସିନ ସହାୟତାରେ, ଆମେ କଦଳୀ ପାଟୁଆରୁ ରଶି ବାହାର କରିପାରିବା।
ମୁରୁଗେସନ ଏକ ନଡ଼ିଆ ମେସିନକୁ କଦଳୀ ଗଛ ପାଇଁ ଅନୁକୂଳ ହେବା ଭଳି ତିଆରି କରିଥିଲେ।
ସାଇକେଲ ଚକ ଓ ଚରଖା ସହାୟତାରେ, ମୁରୁଗେସନ କଦଳୀ ପାଟୁଆରୁ ରଶି ତିଆରି କରିବାରେ ସକ୍ଷମ ହେଲେ।
କଦଳୀରୁ ରଶି! ଏହା ଛିଣ୍ଡିଯିବ। ଏହାକୁ କିଏ କିଣିବ?
ଯଦି ଆମେ ସେଗୁଡ଼ିକୁ ଏକାଠି ପରସ୍ତ କରି ବଳି ଦେବା କେମିତି ହେବ।
ସ୍ୱାମୀ-ସ୍ତ୍ରୀ ଉଭୟ ମିଶି ସୂତାଗୁଡ଼ିକୁ ବଳି ମଜବୁତ ରଶି ତିଆରି କରିବାର କାମ କଲେ।
ତଥାପି ଏହା ବଜାରରେ ଉପଲବ୍ଧ ଅନ୍ୟ ରଶି ଭଳି ମଜବୁତ ହୋଇନଥିଲା, ସେଥିପାଇଁ କେହି ଏହାକୁ କିଣିବାକୁ ଚାହୁଁନଥିଲେ।
ମୁଁ ହାର୍ ମାନିବାକୁ ପ୍ରସ୍ତୁତ ନୁହେଁ। ଚାଲ ଚେଷ୍ଟା କରିବା ଏବଂ ଏଥିରୁ ଆଉ କିଛି ତିଆରି କରିବା।
ବ୍ୟାଗ, ଝୁଡ଼ି, ଚଟାଣ ଚଟେଇ... ଦମ୍ପତି ଦେଖିଲେ ଯେ ସେମାନେ ନିଜ ରଶିରୁ ଅନେକ ଜିନିଷ ତିଆରି କରିପାରିବେ ।


ଖୁବଶୀଘ୍ର, ମୁରୁଗେସନ ଏମ.ଏସ. ରୋପ୍ ପ୍ରଡକ୍ସନ୍ ସେଣ୍ଟର ନାମକ ଏକ କମ୍ପାନୀ ପ୍ରତିଷ୍ଠା କଲେ। ତାଙ୍କର ଛୋଟିଆ ଦୁଇ ଜଣିଆ ୟୁନିଟ୍ ଦଶକୁ ବୃଦ୍ଧି ପାଇଲା। କିନ୍ତୁ ରଶି ତିଆରି କରିବା ଏକ ସମୟସାପେକ୍ଷ ପ୍ରକ୍ରିୟା ଥିଲା।
ଆମେ ସମସ୍ତେ ଦିନ ସାରା କାମ କରୁଥିଲୁ କିନ୍ତୁ କିଛି ଲାଭ ମିଳୁନଥିଲା। ମେସିନକୁ ହାତରେ ଚଳାଇବା ପରିବର୍ତ୍ତେ, ଯଦି ମୁଁ ସେଥିରେ ମୋଟର ଲଗାଇ ଦେବି ତା'ହେଲେ କେମିତି ହେବ?
ଏହି ପ୍ରକ୍ରିୟା ଅଧିକ ଦ୍ରୁତ ହେଲା ଏବଂ ମୁରୁଗେସନ ନିଜର ଏହି ଉପାୟକୁ ନେଇ ପେଟେଣ୍ଟ ହାସିଲ କଲେ। 2016ରେ ସେ ଏକ ନୂଆ ମେସିନ୍ ତିଆରି କଲେ ଯାହା ରଶିକୁ ଗୋଟିଏ ପରିବର୍ତ୍ତେ 6 ରୋଲ୍ କରି ପାରୁଥିଲା।
ଏବେ ଆମେ 25,000 ମିଟର ରଶି ତିଆରି କରୁଛୁ! ପୂର୍ବରୁ ଆମେ ମାତ୍ର 2,500 ତିଆରି କରି ପାରୁଥିଲୁ!
ଆମେ ବହୁସଂଖ୍ୟାରେ ମହିଳାଙ୍କୁ ନିଯୁକ୍ତି ଦେଇଛୁ। ତାହା ମୋତେ ଅତି ଖୁସି ଦେଇଥାଏ।
ଖୁବଶୀଘ୍ର, 350ରୁ ଅଧିକ ମହିଳା ଏହି ପ୍ରକ୍ରିୟାରେ ସମ୍ପୃକ୍ତ ହେଲେ।
ମୁରୁଗେସନ ଏକ ଅଟୋମେଟିକ୍ ମେସିନ୍ ଡିଜାଇନ୍ କଲେ ଯାହା ରଶି ତିଆରି କରିବା ସହିତ ତା'କୁ ସୁତୁଲି କରି ବଳି ପାରୁଥିଲା। ଖୁବଶୀଘ୍ର ତାଙ୍କ ଉତ୍ପାଦ ରପ୍ତାନି ମଧ୍ୟ ଆରମ୍ଭ ହେଲା
ମୁଁ ନିଜ ଉତ୍ପାଦକୁ କେତେ ଦାମରେ ବିକିବାକୁ ଚାହୁଁଛି ବୋଲି ଗ୍ରାହକମାନେ ମୋତେ ପଚାରୁଛନ୍ତି! ଚାଷୀଙ୍କୁ କେହି କେବେ ଦାମ୍ ପଚାରନ୍ତି ନାହିଁ, ଏହା ଅଦ୍ଭୁତ
ମୁରୁଗେସନଙ୍କ ଉତ୍ପାଦଗୁଡ଼ିକ ଜୈବକ୍ଷୟଯୋଗ୍ୟ ଏବଂ ପ୍ଲାଷ୍ଟିକର ଏକ ଶସ୍ତା ବିକଳ୍ପ ଥିଲା। ନିଜର ଏହି କୃଷି-ଉଦ୍ଭାବନ ପାଇଁ ସେ ବହୁ ଜାତୀୟ ଓ ରାଜ୍ୟ ପୁରସ୍କାର ଜିତିଛନ୍ତି। ସେ ବର୍ତ୍ତମାନ ଲୋକମାନଙ୍କୁ ଏହି ପ୍ରକ୍ରିୟା ଶିଖାଉଛନ୍ତି ଏବଂ ସରକାରଙ୍କ ପାଇଁ ନିଜର ମେସିନ୍ ତିଆରି କରୁଛନ୍ତି।
2021ରେ, ପ୍ରଧାନମନ୍ତ୍ରୀ ମୋଦୀ ନିଜର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ବର୍ଜ୍ୟରୁ ସମ୍ପଦ ସୃଷ୍ଟି କରିବା ଏବଂ ଚାଷୀଙ୍କ ଅତିରିକ୍ତ ରୋଜଗାର ପାଇଁ ମାର୍ଗପ୍ରଶସ୍ତ କରିବା ଲାଗି ତାଙ୍କୁ ପ୍ରଶଂସା କରିଥିଲେ।



# ମନ୍ କୀ ବାତ୍

## ଅଧ୍ୟାୟ 3

ମନ୍ କୀ ବାତ୍‌ର ତୃତୀୟ ଅଧ୍ୟାୟରେ ସମାଜର ବିଭିନ୍ନ କ୍ଷେତ୍ରର ନାଗରିକମାନଙ୍କ ଜୀବନ ଉପରେ ଆଲୋକପାତ କରାଯାଇଛି ଯେଉଁମାନେ ନିଜ ଆଖପାଖ ଲୋକଙ୍କ ଜୀବନରେ ଉନ୍ନତି ଆଣିବା ଲାଗି ଯୋଗଦାନ ଦେଉଛନ୍ତି।

ଯେତେବେଳେ କୋଭିଡ-19 ଆସିଲା ଏବଂ ଶ୍ରୀନଗରର ହ୍ରଦରେ ରହୁଥିବା ଲୋକମାନେ ଅସୁସ୍ଥ ହୋଇପଡ଼ିଲେ, ସେହି ସମୟରେ ତାରିକ ଅହମ୍ମଦ ପତଲୁ ସେମାନଙ୍କୁ ଡାକ୍ତରଖାନାରେ ପହଞ୍ଚାଇବା ଲାଗି କୂଳକୁ ନେବା ପାଇଁ ଏକ ବୋଟ୍ ଆମ୍ବୁଲାନ୍ସ ତିଆରି କରିଥିଲେ।

ମୋନ୍ ଶୁଗୁ ହେଉଛି 1,000 ବର୍ଷ ପୁରୁଣା ଏକ କାଗଜ ତିଆରି ଆଦିବାସୀ କଳା ଯାହାକି ବିଲୁପ୍ତ ହୋଇଯାଉଥିଲା। ଅରୁଣାଚଳ ପ୍ରଦେଶର ଜଣେ ବ୍ୟକ୍ତି ମଲିଂ ଗୋମ୍ବୁ ଏହାର ପୁନରୁଦ୍ଧାର ପାଇଁ ଆଗେଇ ଆସିଥିଲେ ଏବଂ ବହୁସଂଖ୍ୟାରେ ଲୋକଙ୍କୁ ଏହି କାମରେ ରୋଜଗାର ଦେଲେ।

ସମୁଦ୍ର ପତନ ଠାରୁ 14,000 ଫୁଟ୍ ଉଚ୍ଚତାରେ ତରଭୁଜ ଫଳୁଥିବା ଆପଣ କେବେ ଶୁଣିଛନ୍ତି କି? ଲଦାଖର ଜଣେ ସୃଜନଶୀଳ ଚାଷୀ ଉର୍‌ଗେନ୍ ଫୁନ୍‌ସୋଗ୍ ଏପରି ଏବଂ ଆହୁରି ଅନେକ କିଛି କରିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲୋକପ୍ରିୟ ରେଡିଓ କାର୍ଯ୍ୟକ୍ରମରୁ ନିଆଯାଇଥିବା ଏସବୁ କାହାଣୀ ସାଧାରଣ ଲୋକଙ୍କ ଅସାଧାରଣ କାର୍ଯ୍ୟ ବିଷୟରେ ବର୍ଣ୍ଣନା କରିଥାଏ।



₹90

www.amarchitrakatha.com
ISBN 978-81-19242-92-4
9 788119 242924